# ଗୁରୁଦିବସର ଅନୁଚିନ୍ତା

**ଆମ ଘରର ହାଲଚାଲ**

ସୌମ୍ୟରଂଜନ ପଟ୍ଟନାୟକ

ଆଜି ପୂର୍ବତନ ରାଷ୍ଟ୍ରପତି ତଥା ବିଶିଷ୍ଟ ଶିକ୍ଷାବିତ୍ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ଙ୍କ ଜନ୍ମଦିନ। ଅନେକେ ହୁଏତ ଭୁଲିଯିବେଣି ଯେ ତାଙ୍କ ଜନ୍ମଦିନଟିକୁ ସାରା ଭାରତ ଗୁରୁଦିବସ ଭାବରେ ପାଳନ କରିଥାଏ। ୨୦୧୪ ସେପ୍ଟେମ୍ବର ୫ର ଗୁରୁଦିବସଟି କିନ୍ତୁ ନିଶ୍ଚୟ ଆମ ସମସ୍ତଙ୍କର ମନେ ରହିବ। ହଠାତ୍ ଗୁରୁଦିବସକୁ ଏଭଳି ଗୁରୁତ୍ୱ ମିଳୁଥିବା ଦୃଷ୍ଟିରୁ ଆମେ ରାଜନେତାମାନଙ୍କୁ କୃତଜ୍ଞତା ଜଣାଇବା କଥା। ଆମ ବ୍ୟବସ୍ଥାରେ ରାଜନେତାମାନେ ଆତ୍ମପ୍ରଚାରର କୌଣସି ସୁଯୋଗକୁ ହାତଛଡ଼ା କରିବାକୁ ଚାହାନ୍ତି ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟ ଜନତା ପାର୍ଟିର ନେତୃତ୍ୱ ନେଇ ଅପୂର୍ବ ସଫଳତା ହାସଲ କରିବା ପରେ ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ସ୍ୱାଭାବିକ ଭାବରେ ଉତ୍ସାହ ଓ ଉଦ୍ଦୀପନାର ସହ ନୂଆ କିଛି କରିବାକୁ ସେ ଚେଷ୍ଟା କରୁଛନ୍ତି। ୧୦୨ ଦିନ ତଳେ ମୋଦିଙ୍କୁ ସମର୍ଥନ ଦେଇଥିବା ପ୍ରାୟ ପ୍ରତ୍ୟେକ ଭାରତୀୟ ଏଭଳି ପ୍ରୟାସକୁ ସ୍ୱାଗତ ମଧ୍ୟ କରିଛନ୍ତି - ଏହି ଆଶା ଓ ଭରସାରେ ଯେ ମୋଦିଙ୍କୁ ସମାଲୋଚନା କରିବାର ସମୟ ଏବେ ଆସି ନାହିଁ। ଗୁରୁଦିବସରେ ସାରା ଭାରତର ପିଲାମାନଙ୍କୁ ପ୍ରଧାନମନ୍ତ୍ରୀ କିଛି କହିବାକୁ ଚାହିଁବା ଆଦୌ ଅସଂଗତ ନୁହେଁ। ଏହା ହୁଏତ ଆଧୁନିକ ବୈଷୟିକ କୌଶଳର ଆମ ଉପରେ ପ୍ରଭାବର ଏକ ଉଦାହରଣ। କିନ୍ତୁ ଆଧୁନିକ କୌଶଳର ଏହି ସମ୍ଭାବନାକୁ ଚରିତାର୍ଥ କରିବା ପାଇଁ ଆମ ପାଖରେ ଆବଶ୍ୟକୀୟ ଭିତ୍ତିଭୂମି ଅଛି କି ନା ତାହାର ମଧ୍ୟ ତର୍ଜମା ହେବା ଆବଶ୍ୟକ। ତା' ନହେଲେ ଏହା ଆତ୍ମପ୍ରଚାରସର୍ବସ୍ୱ ଏକ ବିଡ଼ମ୍ବନା ହେବା ଛଡ଼ା ଆଉ କିଛି ହେବ ନାହିଁ।

ମୋଦି ତ ନୂଆ କରି ଭାରତର ପ୍ରଧାନମନ୍ତ୍ରୀ ହୋଇ ଉତ୍ସାହ ଓ ଉଦ୍ଦୀପନାରେ ଏଭଳି ପ୍ରୟାସ କରୁଛନ୍ତି; କିନ୍ତୁ ଆମ ମୁଖ୍ୟମନ୍ତ୍ରୀଙ୍କୁ ଦୀର୍ଘ ୧୪ ବର୍ଷ ପରେ କାହିଁକି ଏପରି ମୋଦି ମାଡ଼ିଲା? ଲକ୍ଷ୍ୟ କରିବାର କଥା, ମୋଦିଙ୍କର ପ୍ରତ୍ୟେକ ନୂତନ ପ୍ରୟାସକୁ ହନୁକରଣ କରିବାର ଉଦ୍ୟମ ହେଉଛି; ସତେ ଯେପରି ଓଡ଼ିଆଙ୍କ ସମ୍ପର୍କରେ 'ଦେଖାଶିଖା ଓଡ଼ିଶା' ଇଙ୍ଗିତକୁ ପ୍ରମାଣ କରିବାକୁ ଚେଷ୍ଟା ଚାଲିଛି। ନୂଆଖାଇ ଅବସରରେ ହଠାତ୍ ପୂର୍ଣ୍ଣ ପୃଷ୍ଠାର ବିଜ୍ଞାପନ ସହ 'ବିଜୁ ଏକ୍ସପ୍ରେସ୍ ୱେ'ର ଘୋଷଣା କରାଗଲା। ବିଜୁବାବୁଙ୍କର ଆତ୍ମା ମଧ୍ୟ ତାଙ୍କ ନାମକୁ ରାସ୍ତାଘାଟଠାରୁ ଆରମ୍ଭ କରି ଶୌଚାଳୟ ପର୍ଯ୍ୟନ୍ତ ସବୁଥିରେ ଯୋଡ଼ିବାର ପ୍ରବଣତାକୁ ଅନୁମୋଦନ କରି ନଥାନ୍ତା। ପୁଣି ହଠାତ୍ ଆଜି ସକାଳ ସାଢ଼େ ୭ଟାରୁ ୮ଟା ପର୍ଯ୍ୟନ୍ତ ନବୀନବାବୁ ପିଲାମାନଙ୍କର କ୍ଲାସ୍ ନେବେ। ଏଥିପାଇଁ ଆମେ ନବୀନବାବୁଙ୍କୁ ଅଭିନନ୍ଦନ ଜଣାଉଛୁ। କାରଣ ଏହା ପଛରେ ତାଙ୍କର ଯାହା ବି ଉଦ୍ଦେଶ୍ୟ ଥାଉ ନା କାହିଁକିଏହାଦ୍ୱାରା ଆମ ଶିକ୍ଷାବ୍ୟବସ୍ଥାର ଅସଲ ସ୍ୱରୂପଟି ପଦାକୁ ଫୁଟି ଦେଖାଯିବାର ସୁଯୋଗ ସୃଷ୍ଟି ହୋଇଛି।

ସ୍ୱାଭାବିକ ଭାବରେ ଆମ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ କେତୋଟି ପ୍ରଶ୍ନ ମନକୁ ଆସୁଛି। ପ୍ରଥମ ପ୍ରଶ୍ନଟି ଭିତ୍ତିଭୂମି ସମ୍ପର୍କରେ। ସବୁ ପିଲାଙ୍କୁ ଏକାଠି ବସାଇ କିଛି କହିବା ପାଇଁ ଅନେକ ଜାଗାରେ ଘରଟିଏ ନାହିଁ। ଟିଭି, ରେଡ଼ିଓ କଥା ଦୂରେ ଥାଉ, ବିଦ୍ୟୁତ୍ ବ୍ୟବସ୍ଥା ମଧ୍ୟ ଅନେକ ସ୍କୁଲ୍ ପାଇଁ ଏବେବି ସ୍ୱପ୍ନ। ଚକ୍‌ଖଡ଼ି କିଣିବା ପାଇଁ ପଇସା ନଥିବା ବିଦ୍ୟାଳୟଟି ଜେନେରେଟର ଭଡ଼ା କରିବ କିପରି ?

ଦ୍ୱିତୀୟ ପ୍ରଶ୍ନଟି ଅଧିକ ସ୍ପର୍ଶକାତର। ନବୀନବାବୁ ଆମ ପିଲାଙ୍କୁ କେଉଁ ଭାଷାରେ ତାଙ୍କର ମନକଥା କହିବେ? ସେ ତ ଓଡ଼ିଆରେ କହି ପାରିବେ ନାହିଁ କି ଇଂରାଜୀରେ କହିଲେ ପିଲାଏ ବୁଝି ପାରିବେ ନାହିଁ। ଏହି ପ୍ରସଙ୍ଗ ଆମ ପିଲାମାନଙ୍କର ଭାଷାଗତ ଦକ୍ଷତା ସମ୍ପର୍କରେ ଏକ ଉଦ୍‌ବେଗଜନକ ପ୍ରଶ୍ନ ଉଠାଉଛି। ଓଡ଼ିଶାର ସରକାରୀ ସ୍କୁଲ୍‌ରେ ପାଠ ପଢ଼ୁଥିବା ପିଲାମାନଙ୍କ ସମ୍ପର୍କରେ ହୋଇଥିବା ଏକ ସର୍ଭେ କହୁଛି, ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀମାନେ ପଞ୍ଚମ ଶ୍ରେଣୀର ପାଠକୁ ମଧ୍ୟ ଆୟତ୍ତ କରିପାରୁ ନାହାନ୍ତି। ଦୋଷ ଦେବା କାହାକୁ? ଗୁରୁଦିବସରେ ଗୁରୁଙ୍କୁ, ରାଜନେତାଙ୍କୁ, ବାପା-ମାଆଙ୍କୁ ନା ପିଲାମାନଙ୍କୁ? ଅଣ୍ଡାଯୁକ୍ତ ଓ ଦଣ୍ଡମୁକ୍ତ ସର୍ବଶିକ୍ଷା ଅଭିଯାନ ଦୁର୍ନୀତିର ସବୁ ସୀମା ଟପିବାକୁ ବସିଲାଣି। ଶିକ୍ଷାଦାନରେ ରୁଚି ନଥିବା ଅର୍ଦ୍ଧଶିକ୍ଷିତ

ପୃଷ୍ଠା-୨ ଦେଖନ୍ତୁ

ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେବା ସାର ହେଉଛି। ଯେଉଁ କେତେକ ଶିକ୍ଷକ ସଂସ୍କାର ଓ ମୂଲ୍ୟବୋଧ ଦୃଷ୍ଟିରୁ ଏହାର ବିରୋଧ କରୁଛନ୍ତି, ସେମାନଙ୍କୁ ବଦଳି କରି ହଇରାଣ ହରକତ କରାଯାଉଛି। ଫଳରେ ଶିକ୍ଷାଦାନର ମାନ ତଳକୁ ତଳକୁ ଖସୁଛି। ଆମ ରାଜନେତାମାନେ ଆମର ଶିକ୍ଷକମାନଙ୍କୁ ରୀତିମତ ରାଜନୈତିକ କର୍ମୀ ହେବା ପାଇଁ ବାଧ୍ୟ କରୁଛନ୍ତି। ଅବସ୍ଥା ଏପରି ହେଲାଣି ଯେ, ସରକାରୀ ସ୍କୁଲ୍‌ରେ ପିଲାଙ୍କୁ ଦାଖଲ କରିବା ପାଇଁ ଅନେକ ଅଭିଭାବକ ରାଜି ହେଉ ନାହାନ୍ତି। ବିଗତ ବର୍ଷଗୁଡ଼ିକର ହାଇସ୍କୁଲ ପରୀକ୍ଷା ଫଳ ଏହାର ଜ୍ୱଳନ୍ତ ପ୍ରମାଣ। ବେସରକାରୀ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ସରକାରୀ ସ୍କୁଲ ଅପେକ୍ଷା ଅଧିକ ସଫଳ ହେଉଛନ୍ତି। ସରକାରୀ ଓ ବେସରକାରୀ ସ୍କୁଲ ମଧ୍ୟରେ ବଢ଼ିବଢ଼ି ଯାଉଥିବା ଏହି ପାର୍ଥକ୍ୟ ଭାରତରେ ଧନୀ ଓ ଗରିବମାନଙ୍କ ଭିତରର ଦୂରତ୍ୱ ପରି ବଢ଼ି ଚାଲିଛି। ଫଳରେ ଆମର ଶିକ୍ଷା ବ୍ୟବସ୍ଥା ସମାଜରୁ ଜାତିଭେଦ ଦୂର କରିବା ପରିବର୍ତ୍ତେ ଆମକୁ ଦୁଇଟି ଜାତିରେ ବିଭକ୍ତ କରିବାକୁ ଯାଉଛି। ଗୋଟିଏ ଜାତି ବେସରକାରୀ ଓ ଇଂରାଜୀ ମାଧ୍ୟମ ସ୍କୁଲ୍‌ରେ ପାଠ ପଢ଼ୁଥିବା ସଂଖ୍ୟାଲଘୁ ପିଲାଙ୍କର ତ ଅନ୍ୟଟି ସରକାରୀ ସ୍କୁଲରେ ପାଠ ପଢ଼ୁଥିବା ସଂଖ୍ୟାଧିକ ଓଡ଼ିଆ ଛାତ୍ରଛାତ୍ରୀଙ୍କର। ପ୍ରଥମ ବର୍ଗଟି ଆଧୁନିକ ଯୁଗର ସବୁ ସୁଖ ସୁବିଧାକୁ ହାତେଇବା ପାଇଁ, ଯେକୌଣସି ପ୍ରତିଯୋଗିତାର ମୁକାବିଲା କରିବା ପାଇଁ ପ୍ରସ୍ତୁତ ହେଉଥିବାବେଳେ ଅନ୍ୟ ବର୍ଗଟି କୌଣସି କାମର ନୁହେଁ। ଗେଣ୍ଡୁମାଳ ଧରି, ହିରୋହୋଣ୍ଡା ଚଢ଼ି, ନେତାଙ୍କ ଜିନ୍ଦାବାଦ କରିବା ଛଡ଼ା ତାଙ୍କ ଦ୍ୱାରା ଆଉ କିଛି ହେବ ନାହିଁ। ନିର୍ବାଚନସର୍ବସ୍ୱ ରାଜନେତାମାନଙ୍କୁ ଏହା ବେଶ୍ ସୁହାଉଛି। ଏହାଦ୍ୱାରା ଅର୍ଦ୍ଧଶିକ୍ଷିତ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କର ଏକ ବିରାଟ ସେନା ସେମାନଙ୍କର ଭୋଟଯୁଦ୍ଧ ପାଇଁ ମିଳି ଯାଉଛନ୍ତି। ଶିକ୍ଷା ବ୍ୟବସ୍ଥାର ଅବକ୍ଷୟ ଆମର ସବୁ ସମସ୍ୟାର ମୂଳ କାରଣ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏକଟଙ୍କିଆ ଚାଉଳ ଏବଂ ଜୋତା, ଛତା ଓ ଭତ୍ତା ଉପରେ ନିର୍ଭର କରୁଥିବା ଗରିବ ଓଡ଼ିଆମାନେ ପ୍ରକୃତ ଶିକ୍ଷା ଲାଭ କଲେ ସିନା ସଚେତନ ହୋଇ ଅଧିକ ଉପରକୁ ଉଠିବା ଅଭିଳାଷର ଅଧିକାରୀ ହେବେ?

ଆଜି ଗୁରୁ ଦିବସରେ ଗୁରୁମାନଙ୍କୁ ସମ୍ମାନ ଜଣାଇବା ପାଇଁ ଯଦି ନବୀନବାବୁ ପ୍ରକୃତରେ ଆନ୍ତରିକତାର ସହିତ ଚାହୁଁଥାନ୍ତି, ତା'ହେଲେ ଆମର ସରଳ, ଅନାସକ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଖୋଜନ୍ତୁ। ଆତ୍ମସମୀକ୍ଷା କରନ୍ତୁ। ସମାଜର ସବୁ ବର୍ଗର ଲୋକଙ୍କର ସହଯୋଗ ଲୋଡ଼ନ୍ତୁ। ନହେଲେ ଦଶ ବର୍ଷ ପରେ ସେ ଯେଉଁ ଓଡ଼ିଶା ଛାଡ଼ିଯିବେ, ତାହାର ଚିତ୍ର ଓ ଚରିତ୍ର ବର୍ଣ୍ଣନା କରିବା ତ ଦୂରର କଥା, ବୁଝିବା ପାଇଁ ବି ଜଣେ ହେଲେ କେହି ନଥିବେ।